**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**5 June– 2026**

# ଚାନ୍ଦୁଆ ହବ୍-ମୁଖ୍ୟମନ୍ତ୍ରୀ

ପିପିଲିର ଚାନ୍ଦୁଆ ଶିଳ୍ପ ଓଡ଼ିଶାର ସଂସ୍କୃତି ଓ ପରମ୍ପରାର ଏକ ଅମୂଲ୍ୟ ପରିଚୟ । ଏହାର ପ୍ରଚାର, ପ୍ରସାର ଓ ବଜାର ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଚାନ୍ଦୁଆ ହବ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

**V/O**

ପୁରୀ ଜିଲ୍ଲା ପିପିଲି ସ୍ଥିତ ଜବାହାର ବିଦ୍ୟାପୀଠ ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ୫ ମହଲା ବିଶିଷ୍ଟ ଅତ୍ୟାଧୁନିକ ଚାନ୍ଦୁଆ ବଜାରର ଶିଳାନ୍ୟାସ କରିଛନ୍ତି । ପ୍ରାୟ ୮୦ କୋଟି ଟଙ୍କା ବିନିଯୋଗରେ ନିର୍ମାଣ ହେବାକୁ ଥିବା ଏହି ହବ୍ ମାଧ୍ୟମରେ ୬ ହଜାର ସ୍ଥାନୀୟ ଚାନ୍ଦୁଆ କାରିଗର ଉପକୃତ ହେବେ ।

# ବ୍ରିକ୍ସ ସମ୍ମିଳନୀ

ବିପର୍ଯ୍ୟୟ ପରିଚାଳନା ବିପଦ ହ୍ରାସ ନେଇ **ପୁରୀ**ରେ ଆୟୋଜିତ ବ୍ରିକ୍ସ ରାଷ୍ଟ୍ରସମୂହର ଦ୍ୱିତୀୟ ବୈଷୟିକ କାର୍ଯ୍ୟଗୋଷ୍ଠୀ ବୈଠକ ଆଜି ଉଦ୍‌ଯାପିତ ହେଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତକାଲି ଆନୁଷ୍ଠାନିକ ଭାବେ ବୈଠକକୁ ଉଦ୍‌ଘାଟନ କରିଥିଲେ । ଏହି ବୈଠକରେ ବ୍ରିକ୍ସ ସଦସ୍ୟ ଦେଶର ବରିଷ୍ଠ ଅଧିକାରୀ ଓ ବୈଷୟିକ ବିଶେଷଜ୍ଞମାନେ ଯୋଗଦେଇ

ବିପର୍ଯ୍ୟୟ ବିପଦ ହ୍ରାସ ନିମେନ୍ତ ବିଭିନ୍ନ ଆହ୍ୱାନର ସମାଧାନ ଦିଗରେ ମତବିନିମୟ କରୁଛନ୍ତି।

## ଉପକୂଳ ସୁରକ୍ଷା ସମ୍ମିଳନୀ

ଓଡ଼ିଶା ପୋଲିସ୍‌ର ଉପକୂଳ ସୁରକ୍ଷା ଶାଖା ପକ୍ଷରୁ ଭୁବନେଶ୍ୱରସ୍ଥିତ ପୋଲିସ୍ ଭବନଠାରେ ରାଜ୍ୟସ୍ତରୀୟ ଉପକୂଳ ସୁରକ୍ଷା ସମ୍ମିଳନୀ-୨୦୨୬ ଉଦ୍‌ଯାପିତ ହୋଇଯାଇଛି । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଯୋଗଦେଇ କହିଛନ୍ତି, ସମୃଦ୍ଧ ଓଡ଼ିଶା ଗଠନରେ ଉପକୂଳ ସୁରକ୍ଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।  ଉପକୂଳ ସୁରକ୍ଷା ଶାଖାର କ୍ଷମତା ବୃଦ୍ଧି, ଆଧୁନିକ ପ୍ରଯୁକ୍ତିର ସମନ୍ୱୟ, ମାନବ ସମ୍ବଳର ଦକ୍ଷତା ବିକାଶ ଏବଂ ଆବଶ୍ୟକ ଭିତ୍ତିଭୂମି ସୁରକ୍ଷା ପାଇଁ ସରକାରଙ୍କ ପ୍ରତିବଦ୍ଧତା ରହିଛି । ଏହି ସମ୍ମିଳନୀରେ ଓଡ଼ିଶା ସମେତ ୫ଟି ଉପକୂଳବର୍ତ୍ତୀ ରାଜ୍ୟର ବରିଷ୍ଠ ପୋଲିସ୍ ଅଧିକାରୀମାନେ ଯୋଗ ଦେଇଥିଲେ ।

## ପିଏମ୍ ସୂର୍ଯ୍ୟଘର-ଓଡ଼ିଶା ପୁରସ୍କୃତ

କେନ୍ଦ୍ର ସରକାରଙ୍କ ପିଏମ୍. ସୂର୍ଯ୍ୟଘର–ମୁଫ୍‌ତ ବିଜୁଳି ଯୋଜନା ଅଧୀନରେ ଓଡ଼ିଶାକୁ ଜାତୀୟ ସ୍ତରରେ ଶ୍ରେଷ୍ଠ ପୁରସ୍କାର ମିଳିଛି । ନୂଆଦିଲ୍ଲୀରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କଠାରୁ ରାଜ୍ୟ ଶକ୍ତି ବିଭାଗର ଅତିରିକ୍ତ ସଚିବ ସାଇଦତ୍ତ ବିପ୍ଳବ କେଶରୀ ପ୍ରଧାନ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ଘର ଛାତ ଉପରେ ସୌର ପ୍ରକଳ୍ପ ଲଗାଇବା କ୍ଷେତ୍ରରେ ଓଡ଼ିଶା ସର୍ବାଧିକ ଗ୍ରାହକଙ୍କ ଆବେଦନରେ ପ୍ରଥମ ସ୍ଥାନରେ ରହିଛି ।

## ଶ୍ରୀମନ୍ଦିର ବୈଠକ

ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହେବ । ଗଜପତି ମହାରାଜା ଶ୍ରୀଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ବୈଠକରେ ପୂର୍ବ ବୈଠକର ବିବରଣୀ ଅନୁମୋଦନ ସହ ଶ୍ରୀଜିଉଙ୍କ ସ୍ନାନଯାତ୍ରା, ରଥଯାତ୍ରା ଓ ବାହୁଡ଼ାଯାତ୍ରା ନିମନ୍ତେ ନୀତିନିର୍ଘଣ୍ଟ ଓ ବ୍ୟବସ୍ଥାବଳୀକୁ ମଞ୍ଜୁରି ପ୍ରଦାନ କରାଯିବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

---

## ପ୍ରକଳ୍ପ ଲୋକାର୍ପଣ

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକର ଅସୁରାଳିଠାରେ ପ୍ରସ୍ତାବିତ ଶହୀଦ ଷ୍ଟାଡିୟମକୁ ଉଚ୍ଚଶିକ୍ଷା ଓ କ୍ରୀଡ଼ା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଶିଳାନ୍ୟାସ ସହିତ ଧୁସୁରୀ ପାଳସାହିଠାରେ ଏକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଲୋକାର୍ପଣ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ବିଜୁଳି ଯୋଜନାରେ ନଦୀଗାଁକୁ ରାଜ୍ୟର ପ୍ରଥମ ମଡେଲ ସୌର ଗ୍ରାମ ଭାବେ ମନ୍ତ୍ରୀ ଘୋଷଣା କରିଛନ୍ତି ।

---

## ଶୀତଳଷଷ୍ଠୀ-ପ୍ରସ୍ତୁତି

ସମ୍ବଲପୁରରେ ଶୀତଳଷଷ୍ଠୀ ଯାତ୍ରାକୁ ସୁରକ୍ଷିତ, ସୁବ୍ୟବସ୍ଥିତ ଏବଂ ଶାନ୍ତିପୂର୍ଣ୍ଣ ଭାବେ ସଂପନ୍ନ କରିବା ପାଇଁ ମହାନଗର ନିଗମ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ଆଗାମୀ ବର୍ଷାଋତୁକୁ ଦୃଷ୍ଟିରେ ରଖି ସହରର ପ୍ରମୁଖ ଡ୍ରେନ୍‌ଗୁଡ଼ିକୁ ସଫା କରାଯାଉଛି । ରାସ୍ତାଗୁଡ଼ିକର ମରାମତି

ଦ୍ରୁତଗତିରେ ଜାରି ରହିଛି । ବିଦ୍ୟୁତ୍ ବିଭାଗ ପକ୍ଷରୁ ଶୋଭାଯାତ୍ରା ମାର୍ଗରେ ପର୍ଯ୍ୟାପ୍ତ ଆଲୋକୀକରଣ ବ୍ୟବସ୍ଥା କରାଯାଉଛି ।

# ବିଶ୍ୱ ପରିବେଶ ଦିବସ

'ପ୍ରକୃତି ଦ୍ୱାରା ଅନୁପ୍ରାଣିତ-ଜଳବାୟୁ ପାଇଁ, ଆମର ଭବିଷ୍ୟତ ପାଇଁ' ବାର୍ତ୍ତା ନେଇ ଆଜି 'ବିଶ୍ୱ ପରିବେଶ ଦିବସ' ପାଳନ କରାଯାଉଛି। ୧୯୭୪ ମସିହାରୁ ପ୍ରତିବର୍ଷ ଜୁନ୍ ୫ ତାରିଖରେ ଏହି ଦିବସ ପାଳନ କରାଯାଇଥାଏ । ଜଳବାୟୁ ପରିବର୍ତ୍ତନର ମୁକାବିଲା, ପ୍ରକୃତିର ସୁରକ୍ଷା, ସ୍ୱଚ୍ଛ ଶକ୍ତିର ବ୍ୟବହାର, ସବୁଜ ଜୀବନଶୈଳୀ ଏବଂ ଏକ ସୁରକ୍ଷିତ ପୃଥିବୀ ଗଠନ ପାଇଁ ବିଶ୍ୱସ୍ତରୀୟ ସହଯୋଗର ଆବଶ୍ୟକତା ସଂପର୍କରେ ସଚେତନତା ସୃଷ୍ଟି କରିବା ଏହି ଦିବସର ପାଳନର ମୂଳ ଉଦ୍ଦେଶ୍ୟ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକୃତିର ସୁରକ୍ଷା, ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବର୍ଜନ, ଜଳ ଓ ପ୍ରାକୃତିକ ସମ୍ପଦର ଉପଯୁକ୍ତ ବ୍ୟବହାର ଏବଂ ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ଦିଗରେ ସକ୍ରିୟ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ରାଜ୍ୟ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି । ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ବିଶ୍ୱ ପରିବେଶ ସମାରୋହରେ ଆଜି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଯୋଗଦେବେ ।

# ବୈଠକ

ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସାମାଜିକ ସୁରକ୍ଷା ଯୋଜନାର ସୁରକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଭତ୍ତା ପାଉଥିବା ହିତାଧିକାରୀଙ୍କ

ସ୍ଥିତି ଏବଂ ଯୋଜନାର ସଫଳ ରୂପାୟନ ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । ସ୍ୱଚ୍ଛତା ବଜାୟ ରଖିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ମୌସୁମୀ

ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଗତକାଲି କେରଳମ୍ ସ୍ପର୍ଶ କରିବା ପରେ ଦେଶର ଅନ୍ୟ କିଛି ଅଞ୍ଚଳକୁ ଅଗ୍ରସର ହୋଇଛି ।  କେରଳମ୍ ଛୁଇଁବାର ୧୦ରୁ ୧୨ ଦିନ ମଧ୍ୟରେ ମୌସୁମୀ ଓଡ଼ିଶା ପ୍ରବେଶ କରିବାର ସମ୍ଭାବନା ଥିବା ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । ଅପରପକ୍ଷରେ ରାଜ୍ୟରେ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଛି । ଗତକାଲି ୧୨ଟି ସ୍ଥାନର ତାପମାତ୍ରା ୪୦ ଡିଗ୍ରୀ ସେଲ୍ସିୟସ୍ ଉପରେ ରହିଥିବା ବେଳେ ସମ୍ବଲପୁରଠାରେ ସର୍ବୋଚ୍ଚ ତାପମାତ୍ରା ୪୨ ଦଶମିକ ୨ ଡିଗ୍ରୀ ସେଲ୍ସିୟସ୍ ରେକର୍ଡ କରାଯାଇଥିଲା ।